# ଆଜି ଅନୁଗୋଳରୁ ୧୩ଜଣ କରୋନା ପଜିଟିଭ ଚିହ୍ନଟ ।

## ପଜିଟିଭ ସଂଖ୍ୟା ପହଞ୍ଚିଲା ୩୧୫ ରେ ।

ଅନୁଗୋଳ,୩୦.୦୭ :- ଆଜି ଅନୁଗୋଳ ଜିଲ୍ଲାରୁ ୧୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହି ୧୩ ଜଣଙ୍କୁ ମିଶାଇ ଆକ୍ରାନ୍ତଙ୍କ ସଂଖ୍ୟା ୩୧୫ରେ ପହଞ୍ଚିଲା । ୧୩ ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ବଣଁରପାଳ ବ୍ଲକ୍ ଅଂଚଳରୁ ୧୧ ଜଣ ଓ ତାଳଚେର ବ୍ଲକ୍ ଅଂଚଳରୁ ୨ ଜଣ ଆଜି ଚିହ୍ନଟ ହୋଇଛନ୍ତି । ବଣଁରପାଳ ବ୍ଲକ୍ ଅଂଚଳର ଗୋଟିଏ ଗ୍ରାମରୁ କେବଳ ୧୧ ଜଣ ଆକ୍ରାନ୍ତଙ୍କ ମଧ୍ୟରେ ୭ଜଣ ପୁରୁଷ ଓ ୪ ଜଣ ମହିଳା ଅଟନ୍ତି । ୭ ଜଣ ପୁରୁଷଙ୍କ ବୟସ ଯଥାକ୍ରମେ ୭୫,୭୪,୫୦,୪୦,୨୨,୨୦ ଓ ୧୨ (ବାଳକ) ହୋଇଥିବାବେଳେ ୪ ଜଣ ମହିଳାଙ୍କ ବୟସ ଯଥାକ୍ରମେ ୭୦,୬୫,୪୫ ଓ ୪୦ ବର୍ଷ ଅଟେ । ଏମାନଂକ ମଧ୍ୟରୁ ୧୦ ଜଣ ଗୋଟିଏ ପରିବାରର ହୋଇଥିବାବେଳେ ଜଣେ ଅନ୍ୟ ଏକ ପରିବାରର ଯେଉଁମାନେ କି ପୂର୍ବରୁ ତାଂକ ପରିବାରରେ ସଂକ୍ରମିତ ହୋଇଥିବା ବ୍ୟକ୍ତିଂକ ସଂସ୍ପର୍ଶରେ ଆସିଥିଲେ । ସେହିପରି ତାଳଚେର ବ୍ଲକରୁ ଆକ୍ରାନ୍ତ ହୋଇଥିବା ୨ ଜଣଂକ ମଧ୍ୟରେ ଜଣେ ୪୮ ବର୍ଷୀୟ ପୁରୁଷ ଓ ୪୪ ବର୍ଷୀୟା ମହିଳା (ସ୍ୱାମୀ ଓ ସ୍ତ୍ରୀ) ଅଟନ୍ତି । ମହିଳା ଜଣଂକ ସରକାରୀ କର୍ମଚାରୀ ଭାବେ ଏକ ଅସ୍ଥାୟୀ ମେଡିକାଲ ଶିବିରରେ ଦାୟିତ୍ୱ ନିର୍ବାହ କରୁଥିଲେ । ଏହି ୧୩ ଜଣ ଆକ୍ରାନ୍ତଂକୁ ଆଜି ତାଳଚେର କୋଭିଡ ହସପିଟାଲକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଇଛି ବୋଲି ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ପ୍ରକାଶ କରିଛନ୍ତି । ପଜିଟିଭ ବାହାରିଥିବା ଅଂଚଳକୁ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଜିଲ୍ଲା ଅଗ୍ନିଶମ ଅଧିକାରୀଙ୍କ ଦ୍ୱାରା ବିଶୋଧନ କରିବା ସହ କଣ୍ଟ୍ରାକ୍ଟ ଟ୍ରେସିଂ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଇତିମଧ୍ୟରେ ୯ ଜଣ ସୁସ୍ଥ ହୋଇ କୋଭିଡ କେୟାର ସେଣ୍ଟରକୁ ନିରୀକ୍ଷଣ ନିମନ୍ତେ ସ୍ଥାନାନ୍ତର ହୋଇଛନ୍ତି । ପୂର୍ବରୁ ସୁସ୍ଥ ହୋଇଥିବା ୨୦୭ ଜଣଂକୁ ମିଶାଇ ସୁସ୍ଥଙ୍କ ସଂଖ୍ୟା ୨୧୬ରେ ପହଂଚିଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା. ୪୯୪ ତା.୩୦.୭.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

30/7/20

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ